ଶ୍ରୀ ଏନ.କେ. ଶର୍ମା

ବନାମ

ପୀଠାସୀନ ଅଧିକାରୀ, ଶ୍ରମ ନ୍ୟାୟାଳୟ, ଶିମଳା ଏବଂ ଅନ୍ୟମାନେ

1 ମଇ, 1996

[କେ. ରାମାସ୍ୱାମୀ ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ହିମାଚଳ ପ୍ରଦେଶ ସରକାରଙ୍କ ଅଧୀନରେ କାର୍ଯ୍ୟ-ଭାରିତ କର୍ମଚାରୀ - ନିୟମିତ ବର୍ଗରେ ନିୟମିତ ଓ ପଦୋନ୍ନତି - କାର୍ଯ୍ୟ-ଭାରିତ କର୍ମଚାରୀଙ୍କ ବେତନ ହାର ଏବଂ ପଦୋନ୍ନତି ବ୍ୟବସ୍ଥାର ସୁବ୍ୟବସ୍ଥାକରଣ - ସୁବ୍ୟବସ୍ଥାକରଣ ଯୋଜନା ଅଧୀନରେ ଉଚ୍ଚତର ବେତନ ହାରରେ ଦରମା ପାଇଁ ଦାବି - ନିର୍ଣ୍ଣୟ ହେଲା, ଯେହେତୁ କର୍ମଚାରୀ ଜଣକ ସୁବ୍ୟବସ୍ଥାକରଣ ଯୋଜନାରେ ଉଲ୍ଲିଖିତ ହୋଇଥିବା ତୁଳନାରେ କାର୍ଯ୍ୟ ଭାରିତ ପ୍ରତିଷ୍ଠାନରେ କମ୍ ଦରମା ପାଉଥିଲେ, ସେ ପୂର୍ବରୁ ଥିବା କାର୍ଯ୍ୟ-ଭାରିତ କର୍ମଚାରୀଙ୍କ ସହ ସମାନ ଉଚ୍ଚତର ଦରମା କିମ୍ବା ପଦୋନ୍ନତି ପଦବୀ ପାଇଁ ଦାବି କରିପାରିବେ ନାହିଁ ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 7249/1995 ।

ସି.ଡବ୍ଲୁ.ପି. ନଂ. 435/1992ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 9.12.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀକାରୀଙ୍କ ପାଇଁ ଶ୍ରୀମତୀ ଚନ୍ଦନ ରାମମୂର୍ତ୍ତି ।

ଉତ୍ତରଦାତାମାନଙ୍କ ପାଇଁ ବି. ଦତ୍ତ ଏବଂ ଏସ୍.ବି. ଉପାଧ୍ୟାୟ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ, ସି.ଡବ୍ଲୁ.ପି. ସଂଖ୍ୟା 435/92 ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟର 9.12.1994 ରେ ଦିଆଯାଇଥିବା ଆଦେଶ ବିରୁଦ୍ଧରେ ଉତ୍ପନ୍ନ ହୋଇଛି । ଅପିଲକାରୀଙ୍କୁ ପ୍ରାରମ୍ଭରେ 4.10.71 ତାରିଖରେ କାର୍ଯ୍ୟଭାରିତ ପ୍ରତିଷ୍ଠାନରେ ଷ୍ଟୋର ମୁନସି ଭାବରେ ନିଯୁକ୍ତ କରାଯାଇଥିଲା । ପରେ, ତାଙ୍କର ଦୁଇଟି ପଦୋନ୍ନତି ହୋଇଥିଲା, ସେଥିମଧ୍ୟରୁ ଶେଷ ପଦୋନ୍ନତିଟି ଥିଲା ଡିସେମ୍ବର 31, 1980 ରେ ନିୟମିତ ବର୍ଗରେ ଭଣ୍ଡାର ରକ୍ଷକ ଭାବରେ ଯାହା 1.1.1981ରୁ 260-430 ଟଙ୍କା ହାରରେ ହୋଇଥିଲା । ପରେ ତାଙ୍କୁ 1.1.1986 ରେ 330-560 ଟଙ୍କା ଗ୍ରେଡରେ ପଦୋନ୍ନତି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ, ସଂଘ ସହିତ ଆଲୋଚନା ଦ୍ୱାରା, ପଦୋନ୍ନତି ପାଇପାରିନଥିବା କାର୍ଯ୍ୟଭାରିତ କର୍ମଚାରୀଙ୍କ ଦରମା ଏବଂ

ପଦୋନ୍ନତି ପାଇଁ ଉପଲବ୍ଧ ମାର୍ଗକୁ ସୁବ୍ୟବସ୍ଥିତ କରାଯାଇଥିଲା ଏବଂ 5 ସେପ୍ଟେମ୍ବର, 1988 ତାରିଖର ପରିବର୍ତ୍ତିତ ଯୋଜନା ଦ୍ୱାରା, ଉତ୍ତରଦାତାମାନେ ସୁବ୍ୟବସ୍ଥାକରଣ ଯୋଜନା ଏବଂ ଦରମା ହାର ଗ୍ରହଣ କରିଥିଲେ । ଏହି ଯୋଜନାର ଅନୁଚ୍ଛେଦ (b) ଅନୁଯାୟୀ, ଯଦିଓ ନିୟମିତ ବର୍ଗରେ ନିଯୁକ୍ତି ଏପରି ନିଯୁକ୍ତି ତାରିଖରୁ କାର୍ଯ୍ୟକାରୀ ହେବ, ତଥାପି ସମାନ ପଦବୀ ଏବଂ ସମାନ ଦରମା ହାରରେ କାର୍ଯ୍ୟ-ଭାରିତ ପଦବୀରେ ପ୍ରଦାନ କରାଯାଇଥିବା ସେବାକୁ ନିୟମିତ ବର୍ଗରେ ପରବର୍ତ୍ତୀ ଉଚ୍ଚ ଦରମା ହାରକୁ ପଦୋନ୍ନତି ଉଦ୍ଦେଶ୍ୟରେ ପାରସ୍ପରିକ ବରିଷ୍ଠତା ଗଣନା କରିବା ପାଇଁ ଗ୍ରହଣ କରାଯିବ, ଯାହା ପଦୋନ୍ନତିର ସୁଯୋଗ ଉପଲବ୍ଧ ଥିବା ସର୍ତ୍ତ ସାପେକ୍ଷ ଅଟେ ।

ଏଥିରେ କୌଣସି ବିବାଦ ନାହିଁ ଯେ ଅପିଲକାରୀଙ୍କୁ ପୂର୍ବରୁ ଚୟନ କରାଯାଇ ପଦୋନ୍ନତି ଦିଆଯାଇଥିଲା ଏବଂ ସେ ଜଣେ ନିୟମିତ କର୍ମଚାରୀ ହୋଇଥିଲେ । ଯଦିଓ ନିୟମିତ କର୍ମଚାରୀ ହୋଇପାରି ନଥିବା କାର୍ଯ୍ୟଭାରିତ କର୍ମଚାରୀମାନେ ପୂର୍ବରୁ ଉଲ୍ଲେଖିତ ସୁବ୍ୟବସ୍ଥାକରଣ ଯୋଜନାର ସୁବିଧା ପାଇପାରିବେ, ଯେହେତୁ ଅପିଲକାରୀ ସୁବ୍ୟବସ୍ଥାକରଣ ଯୋଜନାରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟଭାରିତ ପ୍ରତିଷ୍ଠାନରେ ନିମ୍ନ ଦରମା ହାରରେ ଥିଲେ, ତେଣୁ ସେ ତାଙ୍କର ପୂର୍ବ କନିଷ୍ଠ/କାର୍ଯ୍ୟଭାରିତ କର୍ମଚାରୀଙ୍କ ସମକକ୍ଷ ଉଚ୍ଚତର ଦରମା ହାର କିମ୍ବା ପଦୋନ୍ନତି ପଦବୀ ଦାବି କରିପାରିବେ ନାହିଁ । ତେଣୁ, ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ଦର୍ଶାଇଛନ୍ତି ଯେ ଯଦିଓ ଆବେଦନକାରୀ ବରିଷ୍ଠତା ଏବଂ ପଦୋନ୍ନତି ଉଦ୍ଦେଶ୍ୟରେ ତାଙ୍କର କାର୍ଯ୍ୟ-ଭାରିତ କର୍ମଚାରୀ ଭାବରେ ପ୍ରଦାନ କରାଯାଇଥିବା ସେବାକୁ ଗଣନା କରିବାକୁ ଅଧିକାର ରଖନ୍ତି, ପଦବୀ ବରିଷ୍ଠତା ଦୃଷ୍ଟିରୁ, ସେ ସେହି ସୁବିଧା ପାଇପାରିବେ ନାହିଁ କାରଣ ସେ 1 ସେପ୍ଟେମ୍ବର 1973ରେ 260-350 ଟଙ୍କାର ପଦବୀରେ ନିଯୁକ୍ତ ହୋଇଥିଲେ ଏବଂ 1.1.1981ରୁ 260-430 ଟଙ୍କା ଦରମା ହାରରେ ନିୟମିତ ହୋଇଥିଲେ, ଯାହାକି ବ୍ୟବସ୍ଥିତ ହୋଇଥିବା ପରିମାଣଠାରୁ କମ୍ ଥିଲା । ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ହୋଇଥିବା ଆଦେଶରେ ଆମେ କୌଣସି ଅବୈଧତା ପାଉନାହୁଁ ।

ତଦନୁସାରେ ଅପିଲକୁ ଖାରଜ କରାଯାଇଛି । ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲ ଖାରଜ ହେଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।